# NATIONAL NEWS BULLETIN (ODIA)

## 17 November - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କଲେ ଉପରାଷ୍ଟ୍ରପତି ।
- ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହେବ ଉତ୍ତରାଞ୍ଚଳ ଜୋନାଲ ପରିଷଦର ୩୨ତମ ବୈଠକ ।
- ବିହାର ବିଧାନସଭା ନବନିର୍ବାଚିତ ସଦସ୍ୟଙ୍କର ତାଲିକା ରାଜ୍ୟପାଳଙ୍କୁ ପ୍ରଦାନ କଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ।
- ସଂଯୁକ୍ତ ଆରବ ଏମିରେଟ୍ସରେ ଆଜିଠାରୁ ଆରମ୍ଭ ହେଉଛି ଦୁବାଇ ଏୟାର ଶୋ’ ୨୦୨୫ ।

ଏବଂ

- ଜିଟି ଓପନ ଇନ୍‌ଡୋର ବିଶ୍ୱ ସିରିଜ୍ ତୀରଚାଳନା ପ୍ରତିଯୋଗିତାର ପୁରୁଷ କମ୍ପାଉଣ୍ଡ ବର୍ଗରେ ଭାରତର କୁଶାଲ ଦଲାଲଙ୍କ ସ୍ୱର୍ଣ୍ଣପଦକ ହାସଲ ।

## ହାଇଦ୍ରାବାଦ ଭାଇସ୍ ପ୍ରେସିଡେଣ୍ଟ

୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ

ଆହ୍ୱାନ ଦେଇଛନ୍ତି । ହାଇଦ୍ରାବାଦରେ ଗତକାଲି ପ୍ରଥମ ରାମୋଜି ଉତ୍କର୍ଷ ପୁରସ୍କାର ୨୦୨୫ ପ୍ରଦାନ ସମାରୋହରେ ଯୋଗଦେଇ ଉପରାଷ୍ଟ୍ରପତି ମିଥ୍ୟା ସୂଚନା ଏବଂ ସାମାଜିକ ଗଣମାଧ୍ୟମର ପ୍ରାଧାନ୍ୟ ମଧ୍ୟରେ ନିଜର ବିଶ୍ୱସନୀୟତା ବଜାୟ ରଖିବାକୁ ଗଣମାଧ୍ୟମକୁ ପରାମର୍ଶ ଦେଇଛନ୍ତି । ରାମୋଜୀ ଷ୍ଟୁଡିଓ ଭଳି ପ୍ରତିଷ୍ଠାନଗୁଡ଼ିକ ମୂଲ୍ୟବୋଧ, ଅଖଣ୍ଡତା, ଉତ୍କର୍ଷ ଏବଂ ସମର୍ପଣ ଭାବ ଉପରେ ପର୍ଯ୍ୟବେଶିତ ହୋଇଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି । ରାମୋଜୀ ରାଓ ତାଙ୍କ ଜୀବନକାଳ ମଧ୍ୟରେ ଅନୁସରଣ କରିଥିବା ମୂଲ୍ୟବୋଧକୁ ପ୍ରେରଣା ଭାବେ ଗ୍ରହଣ କରି ଆଗକୁ ବଢ଼ିବା ତାଙ୍କପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

ସୂଚନାଯୋଗ୍ୟ ଏହି ପୁରସ୍କାର ପ୍ରଦାନ ଅବସରରେ ରାମୋଜୀ ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରୀର ପ୍ରତିଷ୍ଠାତା ରାମୋଜୀ ରାଓଙ୍କର ଜନ୍ମବାର୍ଷିକୀ ମଧ୍ୟ ପାଳିତ ହୋଇଛି । ଗ୍ରାମୀଣ ବିକାଶ, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ପାଇଁ ୭ଟି କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ଉପରାଷ୍ଟ୍ରପତି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ତେଲେଙ୍ଗାନା ରାଜ୍ୟପାଳ ଜିଷ୍ଣୁଦେବ ବର୍ମାଙ୍କ ପକ୍ଷରୁ ହାଇଦ୍ରାବାଦର ରାଜଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଏବଂ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି.କିଷନ ରେଡ୍ଡୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଶାହା ମିଟିଂ

ଉତ୍ତରାଞ୍ଚଳ ଜୋନାଲ ପରିଷଦର ୩୨ତମ ବୈଠକ ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ହରିୟାଣାର ଫରିଦାବାଦରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ନେତୃବୃନ୍ଦ ଯୋଗଦେବେ । ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ, ଦିଲ୍ଲୀ, ଜମ୍ମୁ କାଶ୍ମୀର ଏବଂ ଲଦାଖର ଉପରାଜ୍ୟପାଳ ଏବଂ ଚଣ୍ଡିଗଡ଼ର ମୁଖ୍ୟ ପ୍ରଶାସକ ପ୍ରମୁଖ ଅଂଶଗ୍ରହଣ କରିବେ । ସୂଚନା ଅନୁଯାୟୀ, ଉତ୍ତରାଞ୍ଚଳ ଜୋନାଲ ପରିଷଦର ଏହି ବୈଠକରେ ସଦସ୍ୟ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ସମନ୍ୱୟ, ଜଳ ବଣ୍ଟନ ଏବଂ ବିକାଶ କାର୍ଯ୍ୟ ସମେତ ବିଭିନ୍ନ ଆଞ୍ଚଳିକ ତଥା ଜାତୀୟ ଗୁରୁତ୍ୱ ବହନ କରୁଥିବା ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ରାଜ୍ୟ ପୁନର୍ଗଠନ ଆଇନ-୧୯୫୬ ଅଧୀନରେ ସ୍ଥାପିତ ହୋଇଥିବା ଜୋନାଲ୍ ପରିଷଦଗୁଡ଼ିକ ସଦସ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ବିଭିନ୍ନ ଆହ୍ୱାନର ସମାଧାନ ଦିଗରେ ପରାମର୍ଶ ଦେଇଥା'ନ୍ତି । ଗତ ୧୧ ବର୍ଷ ମଧ୍ୟରେ ବିଭିନ୍ନ ଜୋନାଲ୍ ପରିଷଦର ମୋଟ୍ ୬୩ଟି ବୈଠକ ଅନୁଷ୍ଠିତ ହୋଇଛି । ଦେଶର ବିକାଶ ଏବଂ ସୁରକ୍ଷା ଦୃଷ୍ଟିକୋଣରୁ ଉତ୍ତରାଞ୍ଚଳ ଜୋନାଲ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

## ବିହାର ରେଜଲ୍ଟ – ସିଇଓ

ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀ ବିନୋଦ ସିଂହ ଗୁଞ୍ଜିଆଲ ପାଟ୍‌ନାର ରାଜଭବନଠାରେ ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍‌ଙ୍କୁ ନବନିର୍ବାଚିତ ସଦସ୍ୟଙ୍କର ତାଲିକା ପ୍ରଦାନ କରିଛନ୍ତି । ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ହେବାର ଦୁଇଦିନ ପରେ ଶ୍ରୀ ଗୁଞ୍ଜିଆଲ ରାଜ୍ୟପାଳଙ୍କୁ ପ୍ରଦାନ କରିଥିବା ତାଲିକାରେ ନବନିର୍ବାଚିତ ୨୪୩ ସଦସ୍ୟ ଅଛନ୍ତି । ସେଥିମଧ୍ୟରେ ଏନ୍‌ଡିଏର ୨୦୨ଜଣ, ମହାଗଠବନ୍ଧନ ମେଣ୍ଟର ୩୪, ଏ.ଆଇ.ଏମ୍.ଆଇ.ଏମ୍, ଇଣ୍ଡିଆନ୍ ଇନ୍‌କ୍ଲୁସିଭ ପାର୍ଟି ଏବଂ ବହୁଜନ ସମାଜ ପାର୍ଟିର ନିର୍ବାଚିତ ସଦସ୍ୟ ରହିଛନ୍ତି । ବିହାର ବିଧାନସଭା ଏବଂ ୬ଟି ରାଜ୍ୟ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରୁ ଉପନିର୍ବାଚନ ଶେଷ ହେବାପରେ ନିର୍ବାଚନ ଆୟୋଗ ଆଦର୍ଶ ଆଚରଣ ସଂହିତାକୁ ପ୍ରତ୍ୟାହାର କରିଛନ୍ତି । ଆୟୋଗଙ୍କ ପକ୍ଷରୁ କେନ୍ଦ୍ର କ୍ୟାବିନେଟ୍ ସଚିବ ଏବଂ ସଂପୃକ୍ତ ରାଜ୍ୟର ମୁଖ୍ୟ ସଚିବଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି । ରାଜସ୍ଥାନ, ତେଲେଙ୍ଗାନା, ଓଡ଼ିଶା, ପଞ୍ଜାବ, ଝାଡ଼ଖଣ୍ଡ ଏବଂ ମିଜୋରାମ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁକାଶ୍ମୀରରେ ମୋଟ୍ ୮ଟି ବିଧାନସଭା ଉପନିର୍ବାଚନ ପାଇଁ ଗତ ୧୧ ତାରିଖରେ ମତଗ୍ରହଣ କରାଯାଇ ୧୪ ତାରିଖରେ ଫଳାଫଳ ପ୍ରକାଶ ପାଇଛି ।

## ଏନ୍‌ଆଇଏ-ଆରେଷ୍ଟ

ଦିଲ୍ଲୀ ଲାଲକିଲ୍ଲା କାର୍ ବିସ୍ଫୋରଣ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍ଆଇଏ ଆଉଜଣଙ୍କୁ ଗିରଫ କରିଛି । କାଶ୍ମୀର ବାସୀନ୍ଦା ଆମିର୍ ରସିଦ୍‌କୁ ଦିଲ୍ଲୀରୁ ଗିରଫ କରାଯାଇଛି । ଏନ୍ଆଇଏ କହିଛି ବିସ୍ଫୋରଣରେ ଜଡିତ କାର୍‌ଟି ତାଙ୍କ ନାମରେ ପଞ୍ଜିକୃତ ଥିଲା । ବିସ୍ଫୋରଣକାରୀ ଉମର ନବିଙ୍କ ସହ ରସିଦ୍ ଏହି ଘଟଣାରେ ଜଡିତ ଥିବା ଜଣାପଡୁଛି । ଏପରିକି ଉମର ନବିଙ୍କ ନାମରେ ପଞ୍ଜିକୃତ ଥିବା ଅନ୍ୟଏକ ଗାଡ଼ିକୁ ମଧ୍ୟ ଏନ୍ଆଇଏ ଜବତ କରିଛି । ଏପର୍ଯ୍ୟନ୍ତ ୭୩ଜଣଙ୍କୁ ସାକ୍ଷୀ ଭାବେ ଜେରା କରାଯାଇଛି । ସେଥିରେ ବିସ୍ଫୋରଣରେ ଆହତ ବ୍ୟକ୍ତି ମଧ୍ୟ ଅଛନ୍ତି । ଦିଲ୍ଲୀ, ଜାମ୍ମୁ-କାଶ୍ମୀର, ହରିୟାଣା, ଉତ୍ତରପ୍ରଦେଶ, ପୋଲିସ ବିଭାଗ ଏବଂ ବିଭିନ୍ନ ସହଯୋଗୀ ସୁରକ୍ଷା ସଂସ୍ଥା ସହ ସମନ୍ୱୟ ରକ୍ଷା କରି ଏନ୍ଆଇଏ ପକ୍ଷରୁ ତଦନ୍ତ କାର୍ଯ୍ୟ ଜାରି ରହିଛି ।

## ଦୁବାଇ ଏୟାର ଶୋ

ସଂଯୁକ୍ତ ଆରବ ଏମିରେଟ୍‌ସରେ ଆଜିଠାରୁ ଦୁବାଇ ଏୟାର ଶୋ' ୨୦୨୫ ଆରମ୍ଭ ହେଉଛି । ଭାରତ ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ପ୍ରତିରକ୍ଷା ଶକ୍ତି ପ୍ରଦର୍ଶନ କରିବ । ଭାରତୀୟ ବାୟୁସେନାର ସୂର୍ଯ୍ୟକିରଣ ଏରୋବେଟିକ ଦଳ ଏବଂ ଏଲ୍‌ସିଏ ତେଜସ୍ ଏହି ଶୋ'ରେ ଅଂଶଗ୍ରହଣ କରିବେ । ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍ ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେବେ । ଶ୍ରୀ ସେଠ୍ ଏହି ଗସ୍ତ ଅବସରରେ ତାଙ୍କର ୟୁଏଇ ପ୍ରତିପକ୍ଷଙ୍କ ସହିତ ଦ୍ୱିପାକ୍ଷିକ

ବୈଠକରେ ଅଂଶଗ୍ରହଣ କରିବେ । ଭାରତରେ ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ଉତ୍ପାଦନ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲକ୍ଷ୍ୟ ନେଇ ବିଭିନ୍ନ ରାଷ୍ଟ୍ରର ୫୦ଟି କମ୍ପାନୀର ପ୍ରତିନିଧି ମଣ୍ଡଳୀଙ୍କ ସହ ଶ୍ରୀ ସେଠ୍ ଉଦ୍ୟୋଗ ଗୋଲଟେବୁଲ ସମ୍ମିଳନୀରେ ଅଧକ୍ଷତା କରିବାର କାର୍ଯ୍ୟସୂଚୀ ରହିଛି । ୟୁଏଇ, ଅଷ୍ଟ୍ରେଲିଆ, ଆମେରିକା, ବ୍ରାଜିଲ, ବ୍ରିଟେନ ଏବଂ ଇଟାଲୀର କମ୍ପାନୀଗୁଡ଼ିକର ପ୍ରତିନିଧି ମଣ୍ଡଳୀ ଏଥିରେ ଅଂଶଗ୍ରହଣ କରିବେ । ଦୁବାଇ ଏୟାର ଶୋ' ଏକ ଦ୍ୱିବାର୍ଷିକ କାର୍ଯ୍ୟକ୍ରମ ଏବଂ ଏଥିରେ ଅନ୍ତର୍ଜାତୀୟ ଏରୋସ୍ପେସ୍ କମ୍ପାନୀ ସମେତ ୧୫୦ଟି ଦେଶରୁ ୧ହଜାରରୁ ଅଧିକ ପ୍ରତିନିଧି ଏବଂ ୧ଲକ୍ଷ ୪୦ହଜାରରୁ ଅଧିକ ଏ କ୍ଷେତ୍ରର ବୃତ୍ତିଧାରୀ ସାମିଲ ହୋଇଥାନ୍ତି ।

## ପୀୟୁଷ ଗୋଏଲ

ଦେଶରେ ପ୍ଲାଷ୍ଟିକ ଶିଳ୍ପର ସ୍ଥାୟୀତ୍ୱ ଏବଂ ପରିବେଶ ଅନୁକୂଳ ଉତ୍ପାଦ ଭାବରେ କାର୍ଯ୍ୟକାରୀ କରିବାକୁ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ ଗୁରୁତ୍ୱାରୋପ କରିଛନ୍ତି । ମୁମ୍ବାଇରେ ପ୍ଲେକ୍ସକନ୍‌ସିଲର ରପ୍ତାନୀ ଉତ୍କର୍ଷ ପୁରସ୍କାର ପ୍ରଦାନ ଏବଂ ପ୍ଲାଟିନମ ଜୁବୁଲି ସମାରୋହରେ ଯୋଗଦେଇ ଶ୍ରୀ ଗୋଏଲ କହିଛନ୍ତି ବିଶ୍ୱ ଚାହିଦାକୁ ଦୃଷ୍ଟିରେ ରଖି ପ୍ଲାଷ୍ଟିକର ଶତ ପ୍ରତିଶତ ପୁନଃ ବ୍ୟବହାରଯୋଗ୍ୟ ଉତ୍ପାଦ ପ୍ରସ୍ତୁତ କରିବାକୁ ପଡିବ । ସ୍ଥାୟୀ ପ୍ଲାଷ୍ଟିକ ଉତ୍ପାଦନ କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରଭାବେ ପରିଗଣିତ ହେବାର କ୍ଷମତା ରଖିଛି । ପ୍ଲାଷ୍ଟିକ

ଶିଳ୍ପକୁ ଉନ୍ନତ ପ୍ରଯୁକ୍ତିବିଦ୍ୟା, ଅଭିନବ ସାମଗ୍ରୀ ଏବଂ ଦାୟିତ୍ୱପୂର୍ଣ୍ଣ ଉତ୍ପାଦ ପଦ୍ଧତିରେ ଗଢ଼ି ତୋଳିବାକୁ ମନ୍ତ୍ରୀ ଶ୍ରୀ ଗୋଏଲ ପରାମର୍ଶ ଦେଇଛନ୍ତି । ସବୁଜ ଏବଂ ନିରନ୍ତର ଭବିଷ୍ୟତ ପ୍ରତି ଭାରତର ପ୍ରତିବଦ୍ଧତାକୁ ଏହା ପ୍ରତିପାଦନ କରିପାରିବ ବୋଲି ଶ୍ରୀ ଗୋଏଲ ଆଶାବ୍ୟକ୍ତ କରିଛନ୍ତି । ଏହି ଅବସରରେ ୨୦୨୩-୨୪ ଏବଂ ୨୦୨୪-୨୫ ବର୍ଷ ପାଇଁ ଶ୍ରୀ ଗୋଏଲ ୧୪୮ ରପ୍ତାନୀ ଉତ୍କର୍ଷ ପୁରସ୍କାର ପ୍ରଦାନ କରିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ  **ଦେଶବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣପତ୍ର ଅଭିଯାନ ୪.୦** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ପେନ୍‌ସନ ଏବଂ ପେନ୍‌ସନଭୋଗୀ କଲ୍ୟାଣ ବିଭାଗର ଯୁଗ୍ମସଚିବ ଧ୍ରୁବଜ୍ୟୋତି ସେନ୍‌ଗୁପ୍ତ, ଏସ୍‌ବିଆଇର ସିଜିଏମ୍ ଅମ୍ରିତ ସେନ ମୋହନ ଏବଂ ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍‌ସ ବ୍ୟାଙ୍କର ସିଜିଏମ୍ ଗୁରୁଶରଣ ବଂଶଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  011-23717117, 23314444, 23310481  ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍  ଏବଂ ସାମାଜିକ

ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍‌ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍‌ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍‌ news on air.gov.in ଏବଂ ୟୁଟ୍ୟୁବ୍‌ ଚ୍ୟାନେଲ୍‌ news on air official ରେ ଏହା ଉପଲବ୍ଧ ହେବ ।

## ଆର୍ଚେରୀ ଜିଟି ଓପନ

ଲକ୍ସମବର୍ଗର ସ୍ୱାସେନଠାରେ ଅନୁଷ୍ଠିତ ଜିଟି ଓପନ ଇଣ୍ଡୋ ବିଶ୍ୱ ସିରିଜ୍‌ ତୀରଚାଳନା ପ୍ରତିଯୋଗିତାରେ ଭାରତର କୁଶାଲ ଦଲାଲ ପୁରୁଷ କମ୍ପାଉଣ୍ଡ ବର୍ଗରେ ଟାଇଟଲ ହାସଲ କରିଛନ୍ତି । ଫାଇନାଲ ପ୍ରତିଯୋଗିତାରେ ଦଲାଲ ବିଶ୍ୱ ଏକନମ୍ବର ମାନ୍ୟତାପ୍ରାପ୍ତ ଆମେରିକାର ଷ୍ଟିଫେନ ହାନ୍‌ସେନଙ୍କୁ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି । ୨୧ ବର୍ଷରୁ କମ୍‌ ପୁରୁଷ କମ୍ପାଉଣ୍ଡ ବର୍ଗରେ ଭାରତର ଗଣେଶ ମଣି ରତ୍ନମ୍‌ ଥିରୁମୁରୁ ବ୍ରୋଞ୍ଜପଦକ ହାସଲ କରିଛନ୍ତି ।

## ଟି-୨୦ ଦୃଷ୍ଟିହୀନ କ୍ରିକେଟ୍‌

ଟି-୨୦ ମହିଳା ଦୃଷ୍ଟିହୀନ ବିଶ୍ୱକପ୍‌ କ୍ରିକେଟ୍‌ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । କଟୁନାଏକେ ବି.ଓ.ଆଇ ପଡ଼ିଆଠାରେ

ଗତକାଲି ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ୮ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଛି । ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ସମସ୍ତ ୱିକେଟ୍ ହରାଇ ୧୩୫ରନ୍ ସଂଗ୍ରହ କରିଥିଲା । ୧୩୬ରନ୍‌ର ବିଜୟଲକ୍ଷ୍ୟକୁ ଭାରତ ମାତ୍ର ୧୦ ଓଭରରେ ୨ଟି ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଏହି ବିଜୟ ସହ ଭାରତ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେବାର ଦୃଢ଼ ସ୍ଥିତିରେ ରହିଛି ।

## ଫିଡେ ଚେସ୍ ବିଶ୍ୱକପ୍

ଫିଡେ ଚେସ୍ ବିଶ୍ୱକପ୍ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ ପର୍ଯ୍ୟାୟରେ ଭାରତର ଅର୍ଜୁନ ଏରିଗାସି ଉନ୍ନୀତ ହୋଇଛନ୍ତି । ଭାରତର ଏକମାତ୍ର ଖେଳାଳିଭାବେ ସେ କ୍ୱାର୍ଟରଫାଇନାଲ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ଭାରତର ଅନ୍ୟତମ ଖେଳାଳି ପି. ହରିକ୍ରିଷ୍ଣା ଗତକାଲି ପ୍ରି କ୍ୱାଟ୍ରରଫାଇନାଲ ପର୍ଯ୍ୟାୟରେ ପରାସ୍ତ ହୋଇଛନ୍ତି । ଗୋଆର ପଣଜିଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍‌ରେ ପି. ହରିକ୍ରିଷ୍ଣା ତାଙ୍କର ମେକ୍ସିକୋ ପ୍ରତିଦ୍ୱନ୍ଦ୍ୱିଙ୍କ ଠାରୁ ପଞ୍ଚମ ରାଉଣ୍ଡରେ ପରାସ୍ତ ହୋଇଛନ୍ତି । ଅନ୍ୟପକ୍ଷରେ ଅର୍ଜୁନ ଏରିଗାସି ୨ଥର ବିଶ୍ୱ ଫ୍ରିଡେ ପ୍ରତିଯୋଗିତା ବିଜୟୀ ଆମେରିକାର ଲେଭନ ଆରୋନିଆନଙ୍କୁ ପରାସ୍ତ କରି କ୍ୱାର୍ଟରଫାଇନାଲ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ଆଜି ଏରିଗାସି ଚୀନ୍ ପ୍ରତିପକ୍ଷ ୱି ଇଙ୍କୁ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରେ ଭେଟିବେ ।

# ଆଇଏମ୍‌ଡି - ୱେଦର

ଭାରତୀୟ ପାଣିପାଗ ବିଭାଗ ଦେଇଥିବା ସୂଚନା ଅନୁଯାୟୀ ଆଜି ତାମିଲନାଡୁ, ପୁଡୁଚେରୀ, କରେଇକାଲ, ଆନ୍ଧ୍ରପ୍ରଦେଶ, କେରଳ ଏବଂ ମାହେର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ଆଗାମୀ ୨ରୁ ୩ ଦିନ ମଧ୍ୟରେ ଆଣ୍ଡାମାନ ଓ ନିକୋବର ଦ୍ୱିପପୁଞ୍ଜର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି । ଛତିଶଗଡା, ମଧ୍ୟମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ବିଦର୍ଭରେ ଶୀତ ଲହରି ପରିସ୍ଥିତି ଜାରି ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି ।